# ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଛାତ୍ରମାନେ ବୃତ୍ତିଗତ ଉତ୍କର୍ଷତା ସହିତ ସଚ୍ଚୋଟତା ବଜାୟ ରଖିବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର, ଜୁନ୍ ୧୨: ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଛାତ୍ରମାନେ ବୃତ୍ତିଗତ ଉତ୍କର୍ଷତା ସହିତ ସଚ୍ଚୋଟତା ବଜାୟ ରଖିବାକୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଶୁକ୍ରବାର ଦିନ ଭୁବନେଶ୍ୱରର KIIT ଅଡିଟୋରିୟମରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଛାତ୍ରମାନଙ୍କ ଜାତୀୟ ସମ୍ମିଳନୀକୁ ଉଦଘାଟନ କରିବା ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଛନ୍ତି ଯେ, ଜ୍ଞାନ ଦକ୍ଷତା ପ୍ରଦାନ କରେ, ଚରିତ୍ର ବିଶ୍ୱସନୀୟତା ଏବଂ ସ୍ଥାୟୀ ସଫଳତା ନିର୍ମାଣ କରେ।




ସଚ୍ଚୋଟତା ବିନା ପ୍ରାପ୍ତ ସଫଳତା କ୍ଷଣସ୍ଥାୟୀ। ସଚ୍ଚୋଟତା ଏବଂ ନୈତିକ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ସଫଳତା ସ୍ଥାୟୀ। ଛାତ୍ରଛାତ୍ରୀମାନେ ବ୍ୟକ୍ତିଗତ ମୂଲ୍ୟବୋଧ ସହିତ ବୃତ୍ତିଗତ ଅଭିବୃଦ୍ଧିକୁ ସନ୍ତୁଳିତ କରିବାକୁ ଏବଂ ଶୃଙ୍ଖଳା, ନମ୍ରତା, କରୁଣା ଏବଂ ସେବା ମନୋଭାବ ପୋଷଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି ।

ସମ୍ମିଳନୀରେ ଯୋଗଦାନ କରିଥିବାରୁ ରାଜ୍ୟପାଳ ଖୁସି ପ୍ରକଟ କରି ଏହି ସମାବେଶକୁ ପ୍ରତିଭାବାନ ଯୁବବର୍ଗମାନଙ୍କର ଏକ ସମନ୍ୱୟ ଭାବରେ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଭବିଷ୍ୟତରେ ଆର୍ଥିକ ନେତୃତ୍ୱ , ଉଦ୍ୟୋଗୀ, ନୀତି ପରାମର୍ଶଦାତା ଏବଂ ରାଷ୍ଟ୍ର ନିର୍ମାତା ଭାବରେ ଉଭା ହେବେ ଏବଂ ଏକ ବିକଶିତ ରାଷ୍ଟ୍ର ଦିଗରେ ଭାରତର ଯାତ୍ରାରେ ଯୋଗଦାନ ଦେବେ।

ପୂର୍ବ ଭାରତ ଆଞ୍ଚଳିକ ପରିଷଦ (EIRC)ର ଭୁବନେଶ୍ୱର ଶାଖା ଏବଂ ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ସଂସ୍ଥା (ICAI)ର ବୋର୍ଡ ଅଫ ଷ୍ଟଡ଼ିଜ୍ (ଅପରେସନ୍)କୁ ଏହି କାର୍ଯ୍ୟକ୍ରମର ଆୟୋଜନ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୃତ୍ତିଗତ ଉତ୍କର୍ଷତା, ନେତୃତ୍ୱ ଏବଂ ନିରନ୍ତର ଶିକ୍ଷାକୁ ପ୍ରୋତ୍ସାହିତ କରିଥିବାରୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ବୃତ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଛନ୍ତି ଯେ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ଆର୍ଥିକ ଶୃଙ୍ଖଳା ଏବଂ କର୍ପୋରେଟ୍ ଶାସନର ରକ୍ଷକ ।ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ଏବଂ ଅର୍ଥନୈତିକ ବିକାଶକୁ ସମର୍ଥନ କରିବାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।

କୃତ୍ରିମ ବୁଦ୍ଧିମତ୍ତା (AI), ମେସିନ୍ ଲର୍ଣ୍ଣିଂ, ଡାଟା ଆନାଲିଟିକ୍ସ, ବ୍ଲକଚେନ୍ ଏବଂ ଫିନଟେକ୍ ସମେତ ଦ୍ରୁତ ପ୍ରଯୁକ୍ତିବିଦ୍ୟାର ପ୍ରଗତି ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଛନ୍ତି ଯେ, ଭବିଷ୍ୟତର ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ଆକାଉଣ୍ଟ ରକ୍ଷଣାବେକ୍ଷଣଠାରୁ ଆଗକୁ ବଢ଼ି ନିଷ୍ପତ୍ତି ଗ୍ରହଣରେ ବିଶ୍ୱସ୍ତ ପରାମର୍ଶଦାତା, ଆପଦ ପରିଚାଳକ, ସ୍ଥାୟୀ ବିଶେଷଜ୍ଞ ଏବଂ ରଣନୈତିକ ଅଂଶୀଦାର ଭାବରେ ଉଭା ହେବା ଉଚିତ।

ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନେ ଷ୍ଟାର୍ଟଅପଗୁଡ଼ିକୁ ସମର୍ଥନ କରି, MSME ଗୁଡ଼ିକୁ ସୁଦୃଢ଼ କରିବା, ସ୍ୱଚ୍ଛ ଶାସନ ସୁନିଶ୍ଚିତ କରିବା ଏବଂ ନିବେଶକୁ ସହଜ କରି ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ଦୃଷ୍ଟିକୋଣକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ରାଜ୍ୟପାଳ କହିଥିଲେ ।

ଶିଳ୍ପ, ଭିତ୍ତିଭୂମି, ଆଇଟି, ନବୀକରଣୀୟ ଶକ୍ତି, ବନ୍ଦର, ଲଜିଷ୍ଟିକ୍ସ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ଅପାର ସୁଯୋଗ ଉପରେ ମଧ୍ୟ ରାଜ୍ୟପାଳ ଆଲୋକପାତ କରିଥିଲେ ଏବଂ ରାଜ୍ୟର ବିସ୍ତାରିତ ବୃତ୍ତିଗତ ଦୃଶ୍ୟପଟ ଅନୁସନ୍ଧାନ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। "ଛାତ୍ରଛାତ୍ରୀମାନଙ୍କ ସ୍ୱପ୍ନ, ସମର୍ପଣ ଏବଂ ଦୃଢ଼ ନିଷ୍ପତ୍ତି କେବଳ ସେମାନଙ୍କର ଭବିଷ୍ୟତ ନୁହେଁ ବରଂ ଆମ ଦେଶର ଭବିଷ୍ୟତକୁ ମଧ୍ୟ ଗଢ଼ିବ ବୋଲି ରାଜ୍ୟପାଳ " କହିଥିଲେ।

ଏହି ଅବସରରେ ରାଜ୍ୟପାଳ ଛାତ୍ରଛାତ୍ରୀମାନଙ୍କୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ "ଅର୍ଥନୈତିକ ଆତ୍ମରକ୍ଷା" ପରାମର୍ଶକୁ ଅନୁସରଣ କରିବାକୁ ମଧ୍ୟ ଆହ୍ୱାନ ଜଣାଇଥିଲେ। ସେମାନଙ୍କୁ ବୈଦ୍ୟୁତିକ ଯାନ (EV)  ବ୍ୟବହାର କରିବା ଏବଂ ଛାତ ଉପରେ ସୌର ପ୍ରଣାଳୀ ସ୍ଥାପନ କରିବାକୁ ଉତ୍ସାହିତ କରିଥିଲେ। ସରକାରଙ୍କ ଇଥାନଲ-ମିଶ୍ରଣ ପଦକ୍ଷେପ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଛନ୍ତି ଯେ, କୃଷି କ୍ଷେତ୍ର କୃଷକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ଏହାର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ପ୍ରତିଷ୍ଠିତ ଚାର୍ଟାର୍ଡ ଆକାଉଣ୍ଟାନ୍ସି ଫାର୍ମଗୁଡ଼ିକୁ ମଧ୍ୟ ସେମାନଙ୍କ କର୍ମଚାରୀମାନଙ୍କୁ ବୈଦ୍ୟୁତିକ ଯାନ ବ୍ୟବହାର ଏବଂ ସୌର ଶକ୍ତି ପ୍ରଣାଳୀ ସ୍ଥାପନ କରିବା ନିମନ୍ତେ ଉତ୍ସାହିତ କରିବାକୁ ରାଜ୍ୟପାଳ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ICAI ର ବୋର୍ଡ ଅଫ୍ ଷ୍ଟଡିଜ୍ (ଅପରେସନ୍ସ)ର ଅଧ୍ୟକ୍ଷ ରାଜେଶ ଶର୍ମା, ICAI ର କେନ୍ଦ୍ରୀୟ ପରିଷଦ ସଦସ୍ୟ ସଞ୍ଜିବ ସାଂଘି, କେନ୍ଦ୍ରୀୟ ପରିଷଦ ସଦସ୍ୟ ରବି କୁମାର ପାଟୱା, EICASA ର ଅଧ୍ୟକ୍ଷ ଏବଂ EIRCରେ ଉପାଧ୍ୟକ୍ଷ ହରି ରାମ ଅଗ୍ରୱାଲ ଏବଂ ICAI ଭୁବନେଶ୍ୱରର ଅଧ୍ୟକ୍ଷ ଡକ୍ଟର ଗୌତମ ଲେଙ୍କା ମଧ୍ୟ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିଲେ। EICASA ର ଅଧ୍ୟକ୍ଷ ଏବଂ ICAI ଭୁବନେଶ୍ୱରର ଉପାଧ୍ୟକ୍ଷ ଡକ୍ଟର ପୃଥ୍ୱୀ ରଞ୍ଜନ ପାର୍ହି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

ସଂଜୀବ ବାରିକ
ଯୁଗ୍ମ ନିର୍ଦ୍ଦେଶକ ତଥା ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ